ସମାଜ

# ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ

କଟକ, ୨୫।୨ (ନି.ପ୍ର): କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଏବଂ ଧାନ ଗବେଷଣା କର୍ମଚାରୀ ସଂଘ ଦ୍ୱାରା ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ଧାନ ବିଜ୍ଞାନକୁ ବିସ୍ତାର ଯୋଗ୍ୟ ଶିଳ୍ପ ସମାଧାନରେ ପରିଣତ କରିବା' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେ କୃଷକମାନଙ୍କ ପାଇଁ ନବସୃଜନକୁ ବ୍ୟାବହାରିକ ସମାଧାନରେ ପରିଣତ କରିବା ପାଇଁ ଗବେଷଣା ପ୍ରତିଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ ଡ. ନୀରୁ ଭୂଷଣ ବୈଜ୍ଞାନିକ ଉଦ୍ଭାବନକୁ ବଜାର-ପ୍ରସ୍ତୁତ, ଚାଷୀ- କୈନ୍ଦ୍ରିକ ସମାଧାନରେ ପରିଣତ କରିବା ପାଇଁ ପ୍ରଭାବଶାଳୀ ବୌଦ୍ଧିକ ସମ୍ପତ୍ତି ପରିଚାଳନା ଏବଂ ଦୃଢ଼ ଶିଳ୍ପ- ଗବେଷଣା ସଂଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କୃଷକମାନଙ୍କ ଆୟ ଏବଂ ଗ୍ରାମୀଣ ଜୀବିକା ବୃଦ୍ଧି ନେଇ ଅଭିଭାଷଣ ଦେଇଥିଲେ। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ନିର୍ଦ୍ଦେଶକ, ଡା. ଜି.ଏ.କେ. କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଯୁକ୍ତି ପ୍ରଦର୍ଶନୀ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଡ. ବିଶ୍ୱଜିତ ମଣ୍ଡଳ ଏବଂ ଡ. ଅରୂପ କୁମାର ମୁଖାର୍ଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଂଗଠନ ସଚିବ ଡ. ସୁତପା ସରକାର ଏବଂ ଡ. ଆର.ଏଲ. ବର୍ମା, ସାଂଗଠନିକ ସଚିବ ଡ. ଅନ୍ନାମଲାଇ ଏମ୍. ଏବଂ ଚିନ୍ମୟ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

